୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday July 03 | ଭୁବନେଶ୍ୱର ଗୁରୁବାର, ୦୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

ପୁରୀ ରଥଯାତ୍ରାରେ ପୋଲିସମାନଙ୍କ ଦ୍ୱାରା ସାମ୍ବାଦିକମାନଙ୍କୁ ଆକ୍ରମଣ ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକସେବା ଭବନଠାରେ ମୁଖ୍ୟସଚିବ ମନୋଜ ଆହୁଜାଙ୍କ ସହ ଦୈନିକ ପର୍ଯ୍ୟବେକ୍ଷକ ଓ ଦି' କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ, ପାର୍ଥସାରଥୀ ଜେନା, କିଶୋର ମଙ୍ଗରାଜ, ଦେବକାନ୍ତ ମହାପାତ୍ର, ସ୍ୱରୂପ କୁମାର ମହାନ୍ତି, ଗଜେନ୍ଦ୍ରନାଥ ବେହେରା, ସନାତନ ଦଳବେହେରା, ସୁବୋଧ କାନୁନ୍‌ଗୋ, ସୂର୍ଯ୍ୟକାନ୍ତି ନାୟକ, ସ୍ୱଦେଶ ଦାସ, ଦେବପ୍ରସାଦ ମହାନ୍ତି ଏବଂ ରମାକାନ୍ତ ପରିଜାଙ୍କ ଆଲୋଚନା ଓ ଦାବିପତ୍ର ପ୍ରଦାନ।

କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ନବନିର୍ବାଚିତ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଏବଂ ପ୍ରଖ୍ୟାତ ସାମ୍ବାଦିକ, ସ୍ନାୟୁ ବିବିଧତା ପ୍ରବକ୍ତା ଏବଂ ଲେଖିକା ମୁଗ୍ଧା କାଲରାଙ୍କ ପ୍ରେରଣାଦାୟକ ଅଭିଭାଷଣ ସହିତ ଏକ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ମୁଗ୍ଧା କାଲରା କହିଲେ, ମୁଁ ଦେଶର ଅନେକ କ୍ୟାମ୍ପସକୁ ଯାଇଛି, କିନ୍ତୁ ଏହି କ୍ୟାମ୍ପସକୁ ଆସି ମୁଁ ଗର୍ବିତ। ସେ ସ୍କୁଲର ଭିତ୍ତିଭୂମି ଓ ଛାତ୍ର-ଅନୁକୂଳ ସୁବିଧାଗୁଡ଼ିକୁ ପ୍ରଶଂସା କରି କହିଥିଲେ, କିଟ୍ ଏଭଳି ପରିବେଶ ସୃଷ୍ଟି କରିଛି ଯେଉଁଥି ପାଇଁ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱତନ୍ତ୍ର ପିଲାଙ୍କ ସହ ଅନ୍ୟ ସାଧାରଣ ଛାତ୍ରମାନେ ଏକାଠି ପାଠ ପଢିପାରୁଛନ୍ତି। ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ସହାନୁଭୂତି ଏବଂ ସାମାଜିକ ସଚେତନତା ସୃଷ୍ଟି କରୁଥିବା ଏପରି ଅନ୍ତର୍ଭୁକ୍ତିମୂଳକ ଅଭ୍ୟାସଗୁଡ଼ିକୁ ପ୍ରଶଂସା ଏବଂ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜକୁ ଫିଟ୍ ରଖିବା ସହ ସର୍ବଦା ପରିବାର ଏବଂ ବନ୍ଧୁମାନଙ୍କ ସହିତ ରହିବା, ସନ୍ତୁଳିତ ଜୀବନ ଧାରଣ ଏବଂ ମନଯୋଗ ଦେଇ ଉତ୍କର୍ଷତା ପ୍ରତିପାଦିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ବାର୍ତ୍ତା ଜରିଆରେ କିଟ୍ ଏବଂ କିସ୍ ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଅନ୍ୟମାନଙ୍କଠାରୁ ନିଆରା ହେବା ପାଇଁ କେବେ ବି ଭୟ କରନାହିଁ। ତୁମମାନଙ୍କ ଚିନ୍ତାଧାରା ଅଲଗା ଜଣାପଡୁଥିଲେ ମଧ୍ୟ ଏଥିପାଇଁ କେବେ ବି ଭୟ କରନାହିଁ। କାରଣ ଏକ ଅଲଗା ଚିନ୍ତାଧାରା ଅନେକ ସମୟରେ ବିଶ୍ୱକୁ ପରିବର୍ତ୍ତନ କରିଥାଏ। ସର୍ବଦା ଉତ୍ତମ ଓ ଗଭୀର ଚିନ୍ତନ ତଥା ଦୃଢ଼ତାର ସହ ଆଗେଇ ଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ୍ ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ ଚିନ୍ତାଧାରା ବୃଦ୍ଧି ସହ ଶିକ୍ଷାରେ କିଭଳି ଅଧିକ ଭଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ।

କୁକୁଡା ଦୋକାନରୁ ଚୋରି-ଦୁଇ ଅଭିଯୁକ୍ତ ଗିରଫ

ପାରାଦୀପ,(ପି.ଏନ): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୁତମୁଣ୍ଡାଇ ବଜାରର ଏକ କୁକୁଡା ଦୋକାନରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ଅଭିଯୋଗରେ ପୋଲିସ୍ ଦୁଇ ଅଭିଯୁକ୍ତଙ୍କୁ ବୁଧବାର ଦିନ ଗିରଫ କରିଛି । ଘଟଣାରୁ ପ୍ରକାଶଯେ, କଟକ-ପାରାଦୀପ ରାସ୍ତାର ଭୁତମୁଣ୍ଡାଇ ବଜାର ନିକଟରେ ଲୋକନାଥ ସାହୁଙ୍କର ଏକ ବଡ କୁକୁଡା ଦୋକାନ ରହିଛି । ଗତ ୨୮ ତାରିଖରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଶ୍ରୀ ସାହୁ ଦୋକାନ ବନ୍ଦ କରି ବାହାରକୁ ଯାଇଥିଲେ । ପରଦିନ ଫେରିବା ପରେ ଦୋକନାରୁ ପ୍ରାୟ କୋଡିଏ ହଜାର ଟଙ୍କା, ସାଉଣ୍ଡ ସିଷ୍ଟମ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ । ବହୁ ଖୋଜାଖୋଜି କରିବା ପରେ ଏହି ସବୁ ସାମଗ୍ରୀ ପାଇ ନଥିଲେ । ମଙ୍ଗଳବାର ଦିନ ଶ୍ରୀ ସାହୁ ନୂଆ ସାଉଣ୍ଡ ସୁଷ୍ଟମ କିଣିବା ପାଇଁ କୁଜଙ୍ଗ ବଜାରକୁ ଯାଇଥିଲେ । ସେଠାରେ ଏକ ଦେକାନରେ ଶ୍ରୀ ସାହୁଙ୍କର ସାଉଣ୍ଡ ସିଷ୍ଟମ ରହିଥିବା ଦେଖିବାକୁ ପାଇଥିଲେ । ଏହା ପରେ ସେ ଘଟଣା ସମ୍ପର୍କରେ ପାରାଦୀପ ଲକ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲକ୍‌ଥାନା ପୋଲିସ୍ ଚୋରୀ ସାଉଣ୍ଡ ସିଷ୍ଟମକୁ ଉଦ୍ଧାର କରିବା ସହିତ ଦୋକାନରେ ଏହାକୁ ବିକ୍ରି କରିଥିବା ଭୁତମୁଣ୍ଡାଇ ଗ୍ରାମର ଦିଲ୍ଲିପ ମହାନ୍ତିଙ୍କ ପୁଅ ସୁଦାମ ମହାଁ(୨୮) ଓ ସେହି ଗ୍ରାମର ବାବୁଲି ସେଠୀଙ୍କ ପୁଅ ପପୁନି ସେଠୀ (ପପୁ)୩୨ଙ୍କୁ ଗିରଫ କରିଥିବା ନେଇ ଜଣାପଡିଛି । ଏ ସମ୍ପର୍କରେ ଲକ୍ ଥାନାରେ ୨୧୧/୨୫ରେ ଏକ ମାମଲା ରୁଜୁ ହୋଇଛି ।

ପୁରୀ ରଥଯାତ୍ରାରେ ପୋଲିସମାନଙ୍କ ଦ୍ୱାରା ସାମ୍ବାଦିକମାନଙ୍କୁ ଆକ୍ରମଣ ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକସେବା ଭବନଠାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ ବିଭାଗ) ସତ୍ୟବ୍ରତ ରାଉତଙ୍କ ସହ ଦୈନିକ ପର୍ଯ୍ୟବେକ୍ଷକ ଓ ଦି' କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ, ପାର୍ଥସାରଥୀ ଜେନା, କିଶୋର ମଙ୍ଗରାଜ, ଦେବକାନ୍ତ ମହାପାତ୍ର, ସ୍ୱରୂପ କୁମାର ମହାନ୍ତି, ଗଜେନ୍ଦ୍ରନାଥ ବେହେରା, ସନାତନ ଦଳବେହେରା, ସୁବୋଧ କାନୁନ୍‌ଗୋ, ସୂର୍ଯ୍ୟକାନ୍ତି ନାୟକ, ସ୍ୱଦେଶ ଦାସ, ଦେବପ୍ରସାଦ ମହାନ୍ତି ଏବଂ ରମାକାନ୍ତ ପରିଜାଙ୍କ ଆଲୋଚନା ଓ ଦାବିପତ୍ର ପ୍ରଦାନ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray